ପ୍ରେସ୍ ନୋଟ୍

## ସ୍ୱତନ୍ତ୍ର ସଂକ୍ଷିପ୍ତ ଫଟୋ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ।

ଅନୁଗୋଳ ୧୦.୧୧ :- ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଅନୁଗୋଳ ଜିଲ୍ଲା ପ୍ରଶାସନ ତରଫରୁ ଚିଠା ଭୋଟର ତାଲିକା ପ୍ରକାଶ କରାଯିବା ସହ ତା.୯.୧୧.୨୦୨୨ ରିଖ ଠାରୁ ସମଗ୍ର ଜିଲ୍ଲାରେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ କରାଯିବ । ଏହି କାର୍ଯ୍ୟକ୍ରମ ତା.୯.୧୧.୨୦୨୨ ରିଖ ଠାରୁ ଆରମ୍ଭ ହୋଇ ତା.୮.୧୨.୨୦୨୨ ରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅବସରରେ ଗତକାଲି ପୁର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ କୋର୍ଟ ରୁମ୍ ଠାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ରଜନୀକାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଫଟୋ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭୋଟର ତାଲିକାରେ ଭିନ୍ନକ୍ଷମ ନୂତନ ଭୋଟରଂକୁ ଅନ୍ତର୍ଭୁକ୍ତ କରିବା , ସମସ୍ତ ଯୋଗ୍ୟ ଯୁବ ଭୋଟରଂକୁ ସାମିଲ କରିବା, ସଠିକ୍ ଓ ତ୍ରୁଟି ଶୁନ୍ୟ ଭୋଟର ତାଲିକା ପ୍ରସ୍ତୁତ କରିବା, ଦୋହରା ଭୋଟରଂକୁ ବାଦ୍ ଦେବା, ଗୋଟିଏ କାର୍ଡରେ ୨ ଜଣ ଭୋଟର ଥିଲେ ଜଣଂକୁ ବାଦ୍ ଦେବା, ଫଟୋ ସଂଶୋଧନ କରିବା, ଭୋଟର ତାଲିକାରେ ଫଟୋ ନଥିଲେ ମତଦାତାଂକର ଫଟୋ ସଂଗ୍ରହ କରି ଫଟୋ ଲଗାଇବା ଓ ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଂକୁ ବାଦ୍ ଦେବା ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ଅବଗତ କରାଇଥିଲେ । ମତଦାତାମାନେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଂକ ୱେବ ସାଇଟ୍ www.ceoorissa.nic.in ରେ search your name in the voter list ମେନୁକୁ ଯାଇ ନିଜ ଜିଲ୍ଲାର ନାମ,ବିଧାନ ସଭା ନିର୍ବାଚନମଣ୍ଡଳୀର ନାମ କିମ୍ବା ଭୋଟର ପରିଚୟ ପତ୍ର ନମ୍ବର ମାଧ୍ୟମରେ ଅନୁସନ୍ଧାନ କରି ଦରଖାସ୍ତ ଦେଇପାରିବେ । ଜନସାଧାରଣଂକ ସୁବିଧା ନିମନ୍ତେ ପ୍ରତ୍ୟେକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଭୋଟର ସହାୟତା କେନ୍ଦ୍ର ଖୋଲାଯାଇଛି । କୌଣସି ଯୋଗ୍ୟ ମତଦାତା ବାଦ୍ ପଡିବେ ନାହିଁ, ଏଥି ନିମନ୍ତେ ସ୍ୱତନ୍ତ୍ର ଅଭିଯାନ କାର୍ଯ୍ୟକ୍ରମ ଚଳିତ ମାସ ୧୨,୧୩, ୨୬ ଓ ୨୭ ତାରିଖକୁ ସ୍ଥିର କରାଯାଇଛି । ଜିଲ୍ଲାର ପ୍ରତ୍ୟେକ ବୁଥ୍‌ରେ ଜଣେ ଜଣେ ବୁଥ୍ ସ୍ତରୀୟ ଅଧିକାରୀ (ଅଙ୍ଗନୱାଡି କର୍ମୀ/ଶିକ୍ଷକ) ଭୋଟର ତାଲିକାର ସଂଶୋଧନ କାର୍ଯ୍ୟ କରିବା ସହ ୧୮-୧୯ ବର୍ଷ ହୋଇଥିବା ନୂଆ ଭୋଟରଂକୁ ତାଲିକାରେ ସାମିଲ କରି

ଭୋଟର ତାଲିକା ସଂଶୋଧନ କରିବେ । ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଯୋଗ୍ୟତା ପ୍ରମାଣିତ ତାରିଖ ତା.୧.୧.୨୦୨୩, ତା.୧.୪.୨୦୨୩, ତା.୧.୭.୨୦୨୩ ଓ ତା.୧.୧୦.୨୦୨୩ ଅଟେ । ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ଫର୍ମ -୬, ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବା କିମ୍ବା ଅନ୍ତର୍ଭୁକ୍ତ ହୋଇଥିବା ନାମକୁ ବାଦ୍ ଦେବା ପାଇଁ ଫର୍ମ -୭, ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା ବିବରଣୀ ସଂଶୋଧନ ପାଇଁ ଫର୍ମ-୮, ଭୋଟର ତାଲିକାରେ ଉଲ୍ଲେଖ ହୋଇଥିବା ସ୍ଥାନ ପରିବର୍ତ୍ତନ ପାଇଁ ଫର୍ମ-୮ (କ) ରେ ମତଦାତାମାନେ ଆବେଦନ କରିପାରିବେ । ଏହି ସୁଯୋଗ ନେବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବଇତୁରା ଦିପ୍, ଡେପୁଟୀ କଲେକ୍ଟର ମନିଷା ଗୁପ୍ତା,ରାଜନୈତିକ ଦଳର ପ୍ରତିନିଧିଙ୍କ ସମେତ ବିଭାଗୀୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ପରେ ପରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବ୍ୟବସ୍ଥିତ ଭୋଟରଙ୍କ ଶିକ୍ଷା ଏବଂ ନିର୍ବାଚନରେ ଅଂଶଗ୍ରହଣ ସଚେତନତା ରଥକୁ ( SVEEP) ଉଦଘାଟନ କରିଥିଲେ । ଏହି ରଥ ଜିଲ୍ଲାର ସମସ୍ତ ଅଂଚଳ ବୁଲି ସଚେତନତା ସୃଷ୍ଟି କରିବ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୬୬୧ ତା.୧୦.୧୧.୨୦୨୨

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

10.11.22

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।


SVEEP RATH
OD-19-3349
XXXXX